# ODM PUBLIC SCHOOL

**SESSION : 3**
**CLASS : V**
**SUBJECT : ଓଡିଆ**
**CHAPTER NUMBER: 02**
**CHAPTER NAME : ଉପଯୁକ୍ତ ବେଶ ପକାଇ ଆସ**
**SUBTOPIC : ଶବ୍ଦାର୍ଥ ,ବାକ୍ୟଗଠନ**

# LEARNING OBJECTIVE

ସନ୍ନ୍ୟାସୀଙ୍କ ଆଦେଶ ପାଳନରେ ରାଜାଙ୍କ ବ୍ୟର୍ଥତା ବିଷୟରେ ଜାଣିବା ।

ODM PUBLIC SCHOOL

# ଉପଯୁକ୍ତ ବେଶ ପକାଇ ଆସ

ପ୍ରଭାତ ହେଲା ।ରାଜା ସନ୍ୟାସୀ ଙ୍କୁ ଭେଟିବାର ଅନୁମତି ପ୍ରାର୍ଥନା କରି ଦୂତ ପଠାଇଲେ ।ଦୂତ ଫେରିଆସି କହିଲେ, ''ସନ୍ୟାସୀ କହୁଛନ୍ତି କି ,ତାଙ୍କୁ ଭେଟିବାକୁ ହେଲେ ରାଜା ଉପଯୁକ୍ତ ବେଶ ପକାଇ ଯିବା ଦରକାର ।'' 'ଅବଶ୍ୟ! କହି ରାଜା ତାଙ୍କର ରତ୍ନଖଚିତ ପୋଷାକ ଓ ପଗଡି ଲଗାଇ ବାହାରି ପଡିଲେ । ସେ ପର୍ବତ ଅଧା ଚଢିବା ବେଳକୁ ସନ୍ୟାସୀଙ୍କର ଜଣେ ଚେଲା ଆସିକହିଲେ,'ଗୁରୁଦେବ ମଣିମାଙ୍କୁ ଦୂରରୁ ଦେଖିଛନ୍ତି । ସେ କହିଲେ କି ଆପଣ ଉପଯୁକ୍ତବେଶପକାଇ ଆସିବା ଦରକାର।'ରାଜା ନୀରବରେ ଶିବିରକୁ ଆସି ରତ୍ନପୋଷାକ ଉତାରି,ଜଣେସାଧାରଣ ନାଗରିକର ପୋଷାକ ପିନ୍ଧିଲେ ଓ ନିଜକୁ ନିଜେ କହିଲେ, 'ବାସ୍ତବିକ ରାଜ –ପୋଷାକରେ ସନ୍ୟାସୀଙ୍କ ପାଖକୁ ଯିବାକୁ ବାହାରିବାଟା ବୋକାମି ଛଡା ଆଉ କଣ?

ODM PUBLIC SCHOOL

# ଶବ୍ଦାର୍ଥ

ଅନୁମତି-ଆଦେଶ
ଉପଯୁକ୍ତ-ଯଥାର୍ଥ
ଦୂତ-ଚର
ଉତାରି-ବାହାର କରି
ବାସ୍ତବିକ-ପ୍ରକୃତରେ
ବୋକାମି-ମୂର୍ଖାମି

ODM PUBLIC SCHOOL

# ଉପଯୁକ୍ତ ବେଶ ପକାଇ ଆସ

ସେ ପର୍ବତ ଚଢିବାକୁ ଆରମ୍ଭ କରନ୍ତେ ପୁଣି ଜଣେ ଚେଲା ଆସି କହିଲା, 'ମହାରାଜ!ଗୁରୁଦେବ କହୁଛନ୍ତି କି,ଆପଣ ଉପଯୁକ୍ତ ବେଶ ପକାଇ ଆସନ୍ତୁ।'ରାଜା ଅଗତ୍ୟା ତମ୍ବୁକୁ ଫେରିଲେ ଓ ଏଥର ଗେରୁଆ ଲୁଗାପଟା ଯୋଗାଡ଼ କରି ପିନ୍ଧି ,ପୁଣି ପର୍ବତ ଚଢିବାକୁ ଆରମ୍ଭ କଲେ। 'ମହାରାଜ ! ଗୁରୁଦେବ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସନ୍ତୁ,'ତୃତୀୟ ଚେଲାଟାଏ ତାଙ୍କୁ ଆସି କହିଲା। ରାଜା କାନ୍ଦ କାନ୍ଦ ଦେଖାଗଲେ। ମନ୍ତ୍ରୀ ତାଙ୍କ କାନରେ କହିଲେ,'ମହାରାଜ !ସେ ଉଦ୍ଧତ ସାଧୁକୁ ଏହିକ୍ଷଣି ଧରିଆଣି ଆପଣଙ୍କ ଆଗରେ ହାଜର କରିଦେବି।'

ODM PUBLIC SCHOOL

# ଶବ୍ଦାର୍ଥ

ଅଗତ୍ୟା-ଉପାୟଶୂନ୍ୟ
ଗେରୁଆ-ସନ୍ନ୍ୟାସୀଙ୍କ ପୋଷାକ
ଉଦ୍ଧତ-ବଦମାସ
ହାଜର-ଉପସ୍ଥିତ

ODM
PUBLIC SCHOOL

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ଖାତାରେ ଲେଖ ଓ ବାକ୍ୟଗଢ଼।

ODM PUBLIC SCHOOL

# LEARNING OUTCOME:

ସନ୍ନ୍ୟାସୀଙ୍କ ଆଦେଶ ଓ ବ୍ୟସ୍ତବିବ୍ରତ ରାଜା।

# THANKING YOU

# ODM EDUCATIONAL GROUP